রাজেশ্বরী আম্মা এবং অন্যজণে

জোসেফ্ এবং অন্যজণে

জানুআরী 10, 1995

[কে. রামস্বামী এবং সুজাতা ভি. মনোহর, ন্যায়মূর্ত্তিদ্বয়]

*দেৱানী কার্য্যবিধি সংহিতা - ধারা 36 – নিষ্পাদন আবেদন - জণে উত্তরদাতা পক্ষ ভাবরে অন্তর্ভুক্ত নুহঁন্তি - সমান অবিভাজিত সম্পত্তি সম্বন্ধরে নিষ্পাদন আবেদন যাহা অন্যমানঙ্ক বিরুদ্ধরে নিষ্পাদনযোগ্য নুহেঁ।*

*ভারতর সম্বিধান - ধারা 136 - বিশেষ অনুমতি দ্বারা আবেদন – কেবল আইনগত প্রশ্ন যাহা উচ্চ ন্যায়ালয় সম্মুখরে উঠাযাই নাহিঁ - সর্বোচ্চ ন্যায়ালয়রে উঠাযাইপারিব।*

মৃতকঙ্ক আইনসিদ্ধ প্রতিনিধিঙ্ক দ্বারা দাখল হোইথিবা নিষ্পাদন অপিলকু জিল্লা মুনসিফ্ অনুমতি দেইথিলে। পুনরীক্ষণরে জণে আইনগত প্রতিনিধিঙ্কু একপক্ষ ভাবরে অন্তর্ভুক্ত করাযাই নথিলা এবং তেণু, তাঙ্ক সপক্ষরে দখল প্রদান আদেশনামা চূড়ান্ত হোইগলা।  উচ্চ ন্যায়ালয়  উত্তরদাতাঙ্ক দ্বারা দাখল হোইথিবা পুনরীক্ষণকু অনুমতি দেইছন্তি।

অপিলরে এহা যুক্তি করাযাইথিলা যে যেহেতু পক্ষ সপক্ষরে ডিক্রি চূড়ান্ত হোইছি এবং নিষ্পাদন অপিল ডিক্রি ধারকঙ্ক মধ্যরে সমান অবিভাজিত সম্পত্তি সম্বন্ধরে থিলা, উচ্চ ন্যায়ালয়  অপিলকারীঙ্ক বিরোধরে আদেশ বাতিল  করিপারিবে নাহিঁ।

অপিলকু অনুমতি দেই, এহি ন্যায়ালয়

নির্ণ্ণয় কলে : যেহেতু পক্ষ সপক্ষরে থিবা আদেশ চূড়ান্ত হোইযাইথিলা এবং সেহি অবিভাজিত সম্পত্তি সম্বন্ধরে নিষ্পাদন অপিল থিলা, তেণু ডিক্রি অবিচ্ছেদ্য থিলা এবং উচ্চ ন্যায়ালয়ঙ্ক আদেশ পোষণীয় নুহেঁ। এথিরে কৌণসি সন্দেহ নাহিঁ যে এহি বিবাদ উচ্চ ন্যায়ালয় সম্মুখরে উঠাযাই নথিলা, কিন্তু বিধিগত প্রশ্ন হোইথিবারু এহা উঠাইবা পাইঁ

ଉଣ୍ମୁକ୍ତ ଏବଂ ଏହି ଆଦେଶ ଏକ ଅବିଚ୍ଛେଦ୍ୟ ବୋଲି ବିବେଚନା କରାଯାଇପାରେ । ଯେହେତୁ ପକ୍ଷଙ୍କ ବିରୁଦ୍ଧରେ ଦିଆଯାଇଥିବା ଆଦେଶ ଚୂଡ଼ାନ୍ତ ହୋଇଛି, ତେଣୁ ଦୁଇ ଜଣ ଉତ୍ତରଦାତାଙ୍କ ବିରୋଧରେ କାର୍ଯ୍ୟକାରୀ ନ୍ୟାୟାଳୟର ଆଦେଶ ବିପରୀତ କରିବାରେ ଉଚ୍ଚ ନ୍ୟାୟାଳୟ ସଠିକ୍ ନଥିଲେ ।

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 695/1986

C.R.P. ସଂଖ୍ୟା 2747/1982 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ 1.7.85 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ବିଶ୍ୱନାଥ ଆୟାର, ସୁଶ୍ରୀ ଅଞ୍ଜନୀ ଆୟଗରୀ, ଏନ୍. ଶ୍ରୀଧର ଏବଂ କେ. ରାମ କୁମାର ।

ଉତ୍ତରଦାତାମାନଙ୍କ ପାଇଁ ଡ. ଫ୍ରାନ୍ସିସ୍ ଜୁଲିଆନ୍ ଏବଂ ଆର୍. ମୋହନ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱୀକାରଯୋଗ୍ୟ, ମୃତ କୋଲାପ୍ପା ପିଲ୍ଲାଇଙ୍କ ଆଇନସିଦ୍ଧ ପ୍ରତିନିଧି ରାଜେଶ୍ୱରୀ ଆମ୍ମା, ସୁକୁମାରା ପିଲ୍ଲାଇ ଏବଂ ନୀଲମ୍ମା ପିଲ୍ଲାଇଙ୍କ ଦ୍ୱାରା ନିଷ୍ପାଦନ ଅପିଲ ଦାଖଲ କରାଯାଇଥିଲା । 1981 ମସିହା ଅଗଷ୍ଟ 12 ତାରିଖର O.S. ସଂଖ୍ୟା 14/61 ରେ E.P. ସଂଖ୍ୟା 274/81 ରେ କୁଝିଥୁରାଇସ୍ଥିତ ଜିଲ୍ଲା ମୁନସିଫ୍ ଅଦାଲତ ଦ୍ୱାରା ନିଷ୍ପାଦନ ଆବେଦନ ଆଦେଶ ଦିଆଯିବା ପରେ, ଉତ୍ତରଦାତାମାନେ ଏହାକୁ ପୁନରୀକ୍ଷଣ କରି ଉଚ୍ଚ ନ୍ୟାୟାଳୟକୁ ନେଇଥିଲେ । ସେଥିରେ ନିଲାମ୍ମା ପିଲ୍ଲାଇଙ୍କୁ ବାଦ ଦେଇ କେବଳ ମୃତ କୋଲାପ୍ପା ପିଲ୍ଲାଇ, ରାଜେଶ୍ୱରୀ ଆମ୍ମା ଏବଂ ସୁକୁମାରା ପିଲ୍ଲାଇଙ୍କୁ ଉତ୍ତରଦାତା ଭାବରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଅନ୍ୟ ଅର୍ଥରେ, ତିନି ଜଣଙ୍କ ସପକ୍ଷରେ ନିଆଯାଇଥିବା ଦଖଲ ଏବଂ ଦଖଲ ପ୍ରଦାନ ନିର୍ଦ୍ଦେଶ ଦେଇଥିବା କାର୍ଯ୍ୟକାରୀ ନ୍ୟାୟାଳୟର ଆଦେଶ କେବଳ ଦୁଇ ଜଣଙ୍କ ବିରୋଧରେ ଆପତ୍ତି କରାଯାଇଥିଲା । ତୃତୀୟ ବ୍ୟକ୍ତି ନୀଲାମ୍ମା ପିଲ୍ଲାଇଙ୍କ ସପକ୍ଷରେ ଥିବା ଆଦେଶ ଚୂଡ଼ାନ୍ତ ହୋଇଥିଲା । କାର୍ଯ୍ୟକାରୀ ଆବେଦନ ସେହି ସମାନ ସମ୍ପତ୍ତିର ହୋଇଥିବାରୁ ଯାହା ଡିକ୍ରି-ଧାରକମାନଙ୍କ ମଧ୍ୟରେ ଅବିଭାଜିତ, ପ୍ରଶ୍ନ ଉଠୁଛି ଯେ ଉଚ୍ଚ ନ୍ୟାୟାଳୟ ,1985 ମସିହା ଜୁଲାଇ 1 ର ଆଦେଶ ଦ୍ୱାରା ନିର୍ଦ୍ଦୋଷ ଉତ୍ତରଦାତାଙ୍କ ବିରୁଦ୍ଧରେ C.R.P. ସଂଖ୍ୟା 2747/82 କୁ ଅନୁମତି ଦେବାରେ ଠିକ୍ ଥିଲେ କି ନାହିଁ ଏବଂ ସେହି ଆଦେଶ ମଧ୍ୟ ଅପିଲକାରୀଙ୍କ ପାଇଁ ସହାୟକ ହୁଏ କି ନାହିଁ । ନଥିକୁ ଅନୁଧ୍ୟାନ କରିବା ପରେ ଆମେ ଜାଣିବାକୁ ପାଇଲୁ ଯେ ଅପିଲକାରୀଙ୍କ ବିଦ୍ୱାନ ବରିଷ୍ଠ ଓକିଲ ଶ୍ରୀ ଜି. ବିଶ୍ୱନାଥ ଆୟାରଙ୍କ ଯୁକ୍ତିରେ କିଛି ଦୃଢତା ଅଛି ।

ଯେହେତୁ ଡିକ୍ରି-ଧାରକଙ୍କ ସପକ୍ଷରେ ଦଖଲ ବିତରଣର ଆଦେଶ ସାଧାରଣ ଏବଂ ଅବିଚ୍ଛେଦ୍ୟ ଏବଂ ଯେହେତୁ ଏହା ନୀଲମ୍ମାଙ୍କ ବିରୁଦ୍ଧରେ ଚୂଡ଼ାନ୍ତ ହୋଇଯାଇଛି, ଅପିଲକାରୀଙ୍କ ବିରୁଦ୍ଧରେ ଆଦେଶ ବାତିଲ କରିବାରେ ଉଚ୍ଚ ନ୍ୟାୟାଳୟ  ସଠିକ୍ ନଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ, ଯେପରି ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ ଯଥାର୍ଥ ଭାବରେ ଦର୍ଶାଇଛନ୍ତି ଯେ ଏହି ଯୁକ୍ତି ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଉଠାଯାଇ ନାହିଁ। କିନ୍ତୁ ଆଇନର ପ୍ରଶ୍ନ ହୋଇଥିବାରୁ, ଏହା ଉଠାଯାଇପାରିବ ଏବଂ ଏହାକୁ ବିଚାର କରାଯାଇପାରିବ କାରଣ ଏହି ଆଦେଶ ଅବିଚ୍ଛେଦ୍ୟ । ଯେହେତୁ ନୀଲାମ୍ମାଙ୍କ ବିରୋଧରେ ଆଦେଶ ଚୂଡ଼ାନ୍ତ ହୋଇଛି, ଆମେ ଭାବୁଛୁ ଯେ ଦୁଇ ଜଣ ଉତ୍ତରଦାତାଙ୍କ ବିରୋଧରେ କାର୍ଯ୍ୟକାରୀ ନ୍ୟାୟାଳୟର ଆଦେଶ ବିପରୀତ କରିବାରେ ଉଚ୍ଚ ନ୍ୟାୟାଳୟ  ସଠିକ୍ ନଥିଲେ । ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି ।  କୌଣସି ଖର୍ଚ୍ଚ ବିନା ।

ଏ. ଜି.

ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

କ୍ରିଷ୍ଣା ଦାଶ

ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।